## ସଂକ୍ଷେପରେ

### ୧୫ ଦିନରେ ଗଣଧାରଣା

**ତାଳଚେର, ୨୧।୧୨ (ନି.ପ୍ର.):** ରାଜ୍ୟ ସରକାରଙ୍କୁ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଥିବା ତାଳଚେର ଉପଖଣ୍ଡକୁ ରାଜ୍ୟ ସରକାର ଜିଲା ଘୋଷଣା କରିବା ଦାବି ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଗଣଧାରଣା ବୁଧବାର ୧୫ ଦିନରେ ପହଞ୍ଚିଛି। ଏହି ଗଣଧାରଣାରେ ବିଭୂତି ସାହୁ, ମନୋଜ ପ୍ରଧାନ, ଉର୍ମିଳା ଦେହୁରୀ, ବାଉରୀବନ୍ଧୁ ବେଜ, ରାଜୀବ ଦାସ, ପ୍ରଦୀପ ମହାରଣା, ଜିତେନ୍ଦ୍ର ଦାସ, ବିଭୂତି ପଟ୍ଟନାୟକ, ସ୍ୱାଧୀନ ଅମ୍ବ, ଭୂପେନ୍ ଅମ୍ବ, ସୁନୀଲ ବିଶ୍ୱାଳ, ବରୁଣ ସାହୁ, ଜମ୍ବେଶ୍ୱର ପଟ୍ଟନାୟକ, ବେଣୁଧର ଦାସ, ଡିଲେଶ୍ୱର ବେହେରା, ରବିନାରାୟଣ ପ୍ରଧାନ, ସୌମ୍ୟ ସଞ୍ଜୀବ ମିଶ୍ରଙ୍କ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲେ।

### ୨ ଚୋରି ଅଭିଯୁକ୍ତ ଗିରଫ

**ଛେଣ୍ଡିପଦା,୨୧।୧୨(ସ୍ୱ.ପ୍ର.):** ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ପୋଲିସ ବୁଧବାର ୨ ଚୋରି ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ କହିଛି, ଭୁବନପୁର ଗ୍ରାମରେ ଥିବା ଏକ ହଷ୍ଟେଲ ଭିତରୁ ୩ଟି ମୋବାଇଲ ଚୋରି ହୋଇଥିଲା। ଅଭିଯୋଗ ପରେ ପୋଲିସ ନଂ. ୧୯୩/୨୨ରେ ମାମଲା ରୁଜୁ କରି କୁମଣ୍ଡ ଗ୍ରାମର ତାର୍ଜନ ନାଏକଙ୍କୁ ଗିରଫ କରିଥିଲା। ସେହିପରି ରାମଡିହ ଗ୍ରାମର ଏକ ଭଡାଘରୁ ମୋଟର ସାଇକେଲ ଚୋରି ଅଭିଯୋଗରେ ନଂ-୨୨୦/୨୨ ମାମଲାରେ ପୋଲିସ ପୁରୁଣାଗଡ ଗ୍ରାମର ମିଳନ ନାଏକଙ୍କୁ ଗିରଫ କରିଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ବଣ୍ଡଁରପାଳ,୨୧।୧୨(ଡି.ଏନ.ଏ.):** ବଣ୍ଡଁରପାଳ ବ୍ଲକ ତୁଳସୀପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୟାବନ୍ଧୁ ସାହୁ(୮୬)ଙ୍କ ପରଲୋକ ହୋଇଯାଇଛି। ସେ ଗ୍ରାମ ସଭାପତି ଓ ମା' ଲୋଭୀ ଠାକୁରାଣୀଙ୍କ ଟ୍ରଷ୍ଟ ବୋର୍ଡର କର୍ମକର୍ତ୍ତା ଥିଲେ। ସମାଜିକ କର୍ମୀ ଅରୁନାଭ ସିଂ, ବ୍ଲକ ଅଧକ୍ଷ ବିଜୟ ନାଥ, ଜିଲା ପରିଷଦ ସଦସ୍ୟ ଗୋପାଳ ନାୟକ, ବାଉରୀ ବନ୍ଧୁ ସାହୁ, ନିର୍ମଳ ଗଡ଼ନାୟକ, ପତିତପାବନ ମାଝି, ତନୁଜା ସେଠୀ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

### କୋଇଲା ଜବତ, ଜଣେ ଗିରଫ

**ଅନୁଗୋଳ ଅଫିସ,୨୧।୧୨(ଡି.ଏନ.ଏ.):** ଅନୁଗୋଳ ସଦର ଥାନା ପୋଲିସ ଆମ୍ବପାଳରେ ଚଢ଼ାଉ କରି ଏକ ଟାଟାଏସିଇରୁ ୩୦ ଟନ୍ କୋଇଲା ଜବତ କରିଛି। ଏହି ଘଟଣାରେ ଆମ୍ବପାଳ ଗ୍ରାମର ଲକ୍ଷ୍ମୀଧର ନାଏକ(୩୦)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଜଣେ ଫେରାର ହୋଇଯାଇଛି। ଏସ୍ଆଇ ତୁଷାରକାନ୍ତ ମହାନ୍ତି ପାଟ୍ରୋଲିଂ ବେଳେ କୋଇଲା ଚୋରା ଚାଲାଣ ସମ୍ପର୍କରେ ଖବରପାଇ ଏହି ଚଢ଼ାଉ କରିଥିଲେ।

# ପାଠରେ ଯାଉଛନ୍ତି ପଛେଇ

■୫ ଶ୍ରେଣୀର ପିଲାଙ୍କୁ ପଢ଼ାଉଛନ୍ତି ଜଣେ ଶିକ୍ଷୟିତ୍ରୀ
■ବିଦ୍ୟାଳୟ ଯିବାକୁ ଆଗ୍ରହ କରୁନାହାନ୍ତି ଛାତ୍ରୀଛାତ୍ର
■ଜିଲାପାଳଙ୍କୁ ପୁଣି ଅଭିଯୋଗ କଲେ ଅସନ୍ତୁଷ୍ଟ ଗ୍ରାମବାସୀ




**ବଇଣ୍ଡା, ୨୧।୧୨ (ଡି.ଏନ.ଏ.)**

ନିର୍ମାଣ ହୋଇଛି ବିଦ୍ୟାଳୟର ନୂତନ କୋଠା। ଶ୍ରେଣୀଠାରୁ ଅଧିକ ଅଛି ଶ୍ରେଣୀଗୃହ ସଂଖ୍ୟା। ହେଲେ ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ କରିବାକୁ ନାହାନ୍ତି ଆବଶ୍ୟକ ସଂଖ୍ୟକ ଶିକ୍ଷକ। ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନିଆଯାଉନି ପଦକ୍ଷେପ। ଫଳରେ ବିପର୍ଯ୍ୟସ୍ତ ଶିକ୍ଷାଦାନ ଯୋଗୁ ପାଠରେ ପଛେଇ ଯାଉଛନ୍ତି ପିଲା। ଏପରି କି ସ୍କୁଲ ଯିବାକୁ ସେମାନେ ପୂର୍ବପରି ଆଗ୍ରହ ପ୍ରକାଶ କରୁନାହାନ୍ତି। ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କ ଏପରି ଅବହେଳାକୁ ଦେଖି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ଶରଧାମୁଣ୍ଡା ଗ୍ରାମବାସୀ। ବୁଧବାର ଏ ନେଇ ଗ୍ରାମବାସୀ ପୁନର୍ବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ଶରଧାମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ୧୯୭୮ରେ ସ୍ଥାପନ ହୋଇଥିଲା। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ଶିକ୍ଷାନୁଷ୍ଠାନରେ ବର୍ତ୍ତମାନ ୫୪ ଜଣ ଛାତ୍ରୀଛାତ୍ର ପଢ଼ୁଛନ୍ତି। କିନ୍ତୁ ଏମାନଙ୍କୁ ଶିକ୍ଷାଦାନ ପାଇଁ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ଅଛନ୍ତି। ପୂର୍ବରୁ ଏହି ବିଦ୍ୟାଳୟରେ ୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଥିବାବେଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିଦିଆଯାଇଛି। ତାଙ୍କ ସ୍ଥାନରେ ଆଉ କୌଣସି ଶିକ୍ଷକଙ୍କୁ ନିଯୁକ୍ତ କରାଯାଇନାହିଁ। ଫଳରେ ଜଣେ ଶିକ୍ଷୟିତ୍ରୀ ୫ଟି ଶ୍ରେଣୀର ପିଲାଙ୍କୁ ପଢ଼ାଇବା ସମ୍ଭବ ହୋଇପାରୁ ନାହିଁ। ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ଶିକ୍ଷାନୁଷ୍ଠାନର ନୂତନ ଗୃହ ୬ ମାସ ତଳେ ନିର୍ମାଣ କରାଯାଇଛି। ଏଥିପାଇଁ ୧ କୋଟି ୫୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ଏଠାରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରାଯାଉ ନ ଥିବାବେଳେ ଅନ୍ୟ ସମସ୍ୟାର ସମାଧାନ ମଧ୍ୟ କରାଯାଉ ନାହିଁ। ନୂଆ କୋଠାକୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ପିଇବା ପାଣିର ସ୍ଥାୟୀ ବ୍ୟବସ୍ଥା କରାଯାଇ ନାହିଁ। ଏଠାରେ ଥିବା ନଳକୂଅରୁ ଲୁହାଟିଆ ପାଣି ବାହାରୁଥିବାରୁ ତାହା ବ୍ୟବହାରରେ ଲାଗିପାରୁ ନାହିଁ। ସବୁଠାରୁ ବଡ଼ ଅସୁବିଧା ହେଲା ଶୌଚାଳୟ ଥିଲେ ମଧ୍ୟ ଜଳସଂଯୋଗ ହୋଇ ନ ନାହିଁ। ଫଳରେ ଏହାକୁ ବ୍ୟବହାର କରି ନ ପାରି ଛାତ୍ରୀମାନେ ଶୌଚ ପାଇଁ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ସମସ୍ୟା ସମ୍ପର୍କରେ ଶରଧାମୁଣ୍ଡା ଗ୍ରାମବାସୀ ଗତ ୨୦ ମେ ୨୦୨୨ରେ ଅନୁଗୋଳ ଜିଲାପାଳଙ୍କ ଠାରୁ ଆରମ୍ଭ କରି ଗଣଶିକ୍ଷାମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ହେଲେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିବା ଗ୍ରାମବାସୀ ବୁଧବାର ପୁଣିଥରେ ଜିଲାପାଳ, ଆଠମଲ୍ଲିକ ବିଇଓ, ଆଠମଲ୍ଲିକ ବିଧାୟକ, ଅନୁଗୋଳ ଜିଲା ଶିକ୍ଷା ଅଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି। ତୁରନ୍ତ ଜଣେ ଶିକ୍ଷକଙ୍କୁ ବିଦ୍ୟାଳୟରେ ନିଯୁକ୍ତି ସହ ଅନ୍ୟ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ବିଇଓ ଦାଶରଥୀ ଶୁଣ୍ଢୀ କହିଛନ୍ତି, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ।

#### ଆନ୍ଦୋଳନ ପାଇଁ ନିଷ୍ପତ୍ତି ହୋଇଛି



ବିଦ୍ୟାଳୟରେ ଅନେକ ସମସ୍ୟା ଲାଗିରହିଛି। ଏ ନେଇ ବାରମ୍ବାର ଅଭିଯୋଗ କରାଯାଇଛି। ହେଲେ ଶିକ୍ଷା ବିଭାଗ ପକ୍ଷରୁ ସେସବୁର ସମାଧାନ କରାଯାଉନାହିଁ। ଆଗାମୀ ଦିନରେ ଆନ୍ଦୋଳନ କରାଯିବାକୁ ଶିକ୍ଷା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

-ମନୋରଞ୍ଜନ ପ୍ରଧାନ, ବିଦ୍ୟାଳୟ ସଭାପତି

#### ପାଠପଢ଼ାରେ ଅସୁବିଧା ହେଉଛି



ଶିକ୍ଷକ ଅଭାବ ଯୋଗୁ ଏବେ ପାଠ ପଢାରେ ଅସୁବିଧା ସୃଷ୍ଟି ହେଉଛି। ଜଣେ ମାତ୍ର ଶିକ୍ଷୟିତ୍ରୀ ଥିବାରୁ ଠିକ୍ ଭାବେ ସ୍କୁଲ ପରିଚାଳନା ହେଉନାହିଁ। ଏ ନେଇ ପୂର୍ବରୁ ବିଇଓଙ୍କୁ ଅଭିଯୋଗ କରାଯାଇଛି। ହେଲେ ଶିକ୍ଷକ ନିଯୁକ୍ତ କରାଯାଉନାହିଁ।

-ପ୍ରତାପ କୁମାର ପ୍ରଧାନ, ଗ୍ରାମବାସୀ

#### କାମରେ ଆସୁନି ଶୌଚାଳୟ



ବିଦ୍ୟାଳୟରେ ନୂତନ ଶୌଚାଳୟ ନିର୍ମାଣ କରାଯାଇଛି। ହେଲେ ଜଳ ସଂଯୋଗ ବ୍ୟବସ୍ଥା କରାଯାଉ ନ ଥିବା ଯୋଗୁ ଛାତ୍ରୀମାନେ ଶୌଚ ପାଇଁ ବାହାରକୁ ଯାଉଛନ୍ତି। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ବିଦ୍ୟାଳୟର ସମସ୍ୟା ସମାଧାନ କରାଯାଉ ନାହିଁ।

-ମାନସୀ ପ୍ରଧାନ, ଅଭିଭାବକ

#### ବେସରକାରୀ ସ୍କୁଲ ମୁହାଁ ପିଲା



୫ଟି ଶ୍ରେଣୀକୁ ଜଣେ ମାତ୍ର ଶିକ୍ଷୟିତ୍ରୀ। ତେଣୁ ଏଠାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଶିକ୍ଷକ ଅଭାବ ସମସ୍ୟା ଲାଗି ରହିଥିବା ବେଳେ ନୂଆ ନିଯୁକ୍ତ ଦିଆଯାଉ ନାହିଁ। ଫଳରେ ଅଭିଭାବକମାନେ ବେସରକାରୀ ବିଦ୍ୟାଳୟ ମୁହାଁ ହେଉଛନ୍ତି।

-କୁଞ୍ଜବିହାରୀ ପ୍ରଧାନ

## ଗଣିତ କୁଇଜ୍ ପ୍ରତିଯୋଗିତା

**ବଇଣ୍ଡା,୨୧।୧୨(ଡି.ଏନ.ଏ.)**

ବଇଣ୍ଡା ଜନତା ମହାବିଦ୍ୟାଳୟରେ ମଙ୍ଗଳବାର ଏକ ଗଣିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କୁଇଜ ପ୍ରତିଯୋଗିତାରେ ହାଇସ୍କୁଲସ୍ତରରେ ହୃଷୀକେଶ ବିଦ୍ୟାପୀଠ, ଇଚ୍ଛାପୁର, ରାମଦେଓ ହାଇସ୍କୁଲ, ବଇଣ୍ଡା, ସାନହୁଲା ହାଇସ୍କୁଲ, ପେଡ଼ିପଥର ହାଇସ୍କୁଲ, ଗାଁ ବଇଣ୍ଡା ହାଇସ୍କୁଲ, ଜାମୁନାଳୀ ହାଇସ୍କୁଲ, ଲୁହାମୁଣ୍ଡା ଆଦି ସ୍କୁଲର ୧୮୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜାତୀୟ ଗଣିତ ଦିବସରେ ପୁରସ୍କୃତ କରାଯିବ। ଜନତା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ କାଳନ୍ଦୀ ଚରଣ ପ୍ରଧାନ, ରସାୟନ ବିଭାଗ ମଖ୍ୟ ଅସିତ୍ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ।



## ଚାଷୀଙ୍କ ଦାବି ପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ

**ଅନୁଗୋଳ ଅଫିସ/ ତାଳଚେର, ୨୧।୧୨**

ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ତଥା ଧାନମଣ୍ଡି ସମସ୍ୟାକୁ ନେଇ ଅନୁଗୋଳ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ବୁଧବାର ଏକ ପ୍ରତିନିଧିମଣ୍ଡଳୀ ଉପଜିଲାପାଳ ବୈଦ୍ଯୁରା ଦୀପଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ଏଥିସହ ଦାବିଗୁଡିକ ସମ୍ପର୍କରେ ଆଲୋଚନା କରାଯାଇଛି। ପ୍ରଶାସନ ପକ୍ଷରୁ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଜିଲା ଭାଜପା ସଭାପତି ଚେତାବନୀ ଦେଇଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି, ଧାନ ଅମଳ ଶେଷ ହେବାକୁ ବସିଥିଲା ବେଳେ ଅଦ୍ୟାବଧି ଧାନମଣ୍ଡି ଖୋଲାଯାଇନାହିଁ। ମଣ୍ଡିଗୁଡିକ ତୁରନ୍ତ ଖୋଲିବା ସହ ଶୃଙ୍ଖଳିତ ଭାବେ ଧାନ କିଣିବାର ବ୍ୟବସ୍ଥା ୪୮ଘଣ୍ଟା ମଧ୍ୟରେ କରିବା, ନାମ ପଞ୍ଜୀକରଣରେ ଅନିୟମିତତା ବନ୍ଦ କରିବା, ସେଣ୍ଟ୍ରାଲ ଟୋକନ ନାମରେ ଚାଷୀ ମାରଣ ନୀତି ବନ୍ଦ କରିବା, କଟନି ଛଟନି ବନ୍ଦ କରି ଏହାକୁ ବେଆଇନ ଘୋଷଣା କରିବା, ଚାଷୀଙ୍କୁ କେନ୍ଦ୍ର ସରକାର ଦେଉଥିବା କୁଇଣ୍ଟାଲ ପିଛା ୨୦୪୦ ଟଙ୍କା ଏମ୍ଏସ୍ପି ପ୍ରଦାନ କରିବା ଆଦି ଦାବି କରାଯାଇଛି। ଜିଲା ସଭାପତିଙ୍କ ସମେତ ଜିଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝି, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲା ଯୁବମୋର୍ଚ୍ଚା ସଭାପତି ସୁଦୀପ୍ତ ସ୍ୱାଇଁ, ଜିଲା ସମ୍ପାଦକ ସୋମନାଥ ରାଉତ, ବରିଷ୍ଠ ନେତା ଦିଲୀପ ଦାସ ଓ ପ୍ରଶାନ୍ତ ପୃଷ୍ଟି, କାଉନସିଲର କୈଳାସ ପ୍ରଧାନ, ମଣ୍ଡଳ ସଭାପତି ଅମୂଲ୍ୟ ପ୍ରଧାନ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶେଷଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ମଧ୍ୟ ଏକ ଦାବିପତ୍ର ତାଳଚେର ଉପଜିଲାପାଳଙ୍କୁ ଦିଆଯାଇଛି। କୃଷକମୋର୍ଚ୍ଚା ଜିଲା ପ୍ରଭାରୀ ବିଭୂତି ସାହୁ ଏବଂ କୃଷକ ମୋର୍ଚ୍ଚା ଜିଲା ଉପ ସଭାପତି ସୁଶାନ୍ତ କୁମାର ସାମଲଙ୍କ ନେତୃତ୍ୱରେ ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ଜିଲା ଉପ ସଭାପତି ମନୋଜ ପ୍ରଧାନ, କାଳନ୍ଦୀ ପ୍ରଧାନ, ସରପଞ୍ଚ ସହଦେବ ସାହୁ, ଅଖିଳ ସାମଲ, ଅର୍ଜୁନ ଭୂତିଆ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।


ଅନୁଗୋଳ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଭାଜପା କର୍ମକର୍ତ୍ତାମାନେ।

## ବିଦ୍ୟାଳୟ ଗୃହର ଭୂମିପୂଜନ, ଶିଳାନ୍ୟାସ

**ଅନୁଗୋଳ ଅଫିସ, ୨୧।୧୨**

ବଣ୍ଡଁରପାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଗୁଡିକର ନୂତନ ଗୃହ ନିର୍ମାଣ ନିମନ୍ତେ ଶିଳାନ୍ୟାସ ଓ ଭୂମି ପୂଜନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍ପି ମହେଶ ସାହୁ ଏସବୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ବଳରାମପ୍ରସାଦ ପଞ୍ଚାୟତର ଅମାନ୍ତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତୁଳସୀପାଳ ପଞ୍ଚାୟତର ତୁଳସୀପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତଳମୂଳ ଶାସନ ପଞ୍ଚାୟତର ନୂଆସାହି ସରକାରୀ ବିଦ୍ୟାଳୟ, ତଳମୂଳ ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ ଓ ଭୂମି ପୂଜନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଦିନେଶ ପ୍ରଧାନ, ଏମ୍ପିଙ୍କ ଅନୁଗୋଳ ପ୍ରତିନିଧି ଭକ୍ତି ପ୍ରସାଦ ଦାସ ଓ ବଣ୍ଡଁରପାଳ ବ୍ଲକ ପ୍ରତିନିଧି ନରେଶ ଚନ୍ଦ୍ର ବେହେରା ସାମିଲ ହୋଇଥିଲେ। ତଳମୂଳ ଶାସନ ସମିତିସଭ୍ୟା ମୋନାଲିସା ସାହୁ, ଫୁଲପଡା ସମିତିସଭ୍ୟା ବିଦ୍ୟୁଲତା ବେହେରା, ଅମାନ୍ତପୁର ସ୍କୁଲ ସଭାପତି ଅକ୍ଷୟ ଗାୟଣ, ବିଜେଡି ନେତା ନରେଶ ଚନ୍ଦ୍ର କର, ପବିତ୍ର ମୋହନ ସାହୁ, ଶରତ ଚନ୍ଦ୍ର ସାହୁ, ନୀଳମଣି ସାହୁ, ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ବିଦ୍ୟାଳୟ କମିଟିର ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।




## ଅଗ୍ନି ବିପନ୍ନଙ୍କୁ ସହାୟତା

**ଅନୁଗୋଳ ଅଫିସ, ୨୧।୧୨**

ଅନୁଗୋଳ ବ୍ଲକ ଖିଣ୍ଡା ପଞ୍ଚାୟତ ତାଳପଦା ଗ୍ରାମର ଦର୍ବ ଭୋଇଙ୍କ ଘର ବୁଧବାର ପୋଡିପାଉଁଶ ହୋଇଯାଇଛି। ଖବରପାଇ ଯୁବ ବିଜେଡି ନେତା ଅରୁଣାଭ ସିଂହ, ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ସରପଞ୍ଚ ସୁଶାନ୍ତ ପ୍ରଧାନ, ବ୍ଲକ ବିଜେଡି ସଭାପତି ସରୋଜ ସାହୁ, ପଞ୍ଚାୟତ ବିଜେଡି ସଭାପତି ମନୋଜ ପ୍ରଧାନ ପ୍ରମୁଖ ପହଞ୍ଚି ଅଗ୍ନି ବିପନ୍ନଙ୍କ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏଥିସହିତ ଖିଣ୍ଡା ସରକାରୀ ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ ୨ଗୋଟି ପାଲ ବଣ୍ଟନ କରାଯିବା ସହ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

## ବିକାଶ ସମ୍ପର୍କରେ ଆଲୋଚନା

**କଣିହାଁ,୨୧।୧୨(ଡି.ଏନ.ଏ.)**

କଣିହାଁ ପଞ୍ଚାୟତ ସମିତି ସାଧାରଣ ବୈଠକ ବୁଧବାର ପବିତ୍ର ମୋହନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏବିଡିଓ ହିମାଂଶୁ ଶେଖର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏମିପିଙ୍କ ପ୍ରତିନିଧି ନିର୍ମଳ ସାହୁ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି କୈଳାସ ସାହୁ, ତାଳଚେର ବିଧାୟକଙ୍କ ପ୍ରତିନିଧି ମୁରଲୀଧର ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲାପରିଷଦ ଉପସଭାପତି ରଶ୍ମିତା ସେଠୀ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ରଶ୍ମିତା ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭସ୍ମିତା ନାଥ, କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ୍ତ କୁମାର ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଭାରପ୍ରାପ୍ତ ଜିପିଓ ବିଷ୍ଣୁପ୍ରସାଦ ପାତ୍ର ବୈଠକରେ ବିବରଣୀ ପାଠ କରିଥିଲେ। ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତର ସମିତି ସଦସ୍ୟ ଓ ସରପଞ୍ଚମାନେ ଉପସ୍ଥିତ ଥିଲେ। ଶିକ୍ଷା, କୃଷି, ପାନୀୟ ଜଳ ଯୋଗାଣ ଓ ପରିମଳ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଶିଶୁ ଓ ମହିଳା ବିକାଶ, ଖାଦ୍ୟ ନିରାପତ୍ତା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଏମ୍ପି, ବିଧାୟକ, ବିଡିଓ, ଜିପିଓ ଅନୁପସ୍ଥିତ ରହିଥିଲେ। ଫଳରେ ଉପସ୍ଥିତ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଠିକ୍ ପରିଚାଳନା ପାଇଁ ସଦସ୍ୟମାନେ ଦାବି କରିଥିଲେ।



ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଜନପ୍ରତିନିଧି ଓ ଅଧିକାରୀମାନେ।

## କ୍ରୀଡ଼ା ଉତ୍ସବ ଉଦ୍ଯାପିତ

**ମାଧପୁର,୨୧।୧୨**

ଆଠମଲ୍ଲିକ ବ୍ଲକ କମ୍ପଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍ଯାପିତ ହୋଇଯାଇଛି। ସୋମବାର ଉଦ୍ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସୁଧୀର ସେଠୀ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଦେବରାଜ ପ୍ରଧାନ ସଭାପତିତ୍ୱ କରିଥିଲେ। ମାଧପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ମାହାର, ଯୀଶୁଖ୍ରୀଷ୍ଟ ପ୍ରଧାନ ଯୋଗଦେଇ କ୍ରୀଡା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ଉଦ୍ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଜୟନ୍ତ ମାହାର, ଯୀଶୁଖ୍ରୀଷ୍ଟ ପ୍ରଧାନ, କମ୍ପଲା ପଞ୍ଚାୟତ ସମିତିସଭ୍ୟା ମାମି ସେଠୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ନିରଞ୍ଜନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଗୁପ୍ତେଶ୍ୱର ସାହୁ, ବଳରାମ ସାହୁ, ସୁଶୀଲ ପ୍ରଧାନ ସହଯୋଗ କରିଥଲେ।


ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍ଯାପନୀ ସଭାରେ ଉପସ୍ଥିତ ଅତିଥିମାନେ।

## କଟକ ସୋଲାର କ୍ଲବକୁ ହରାଇଲା ଓଡ଼ିଶା ପୋଷ୍ଟାଲ

**ଅନୁଗୋଳ ଅଫିସ, ୨୧।୧୨**

ଅନୁଗୋଳ ଜିଲା କ୍ରିକେଟ ସଂଘର ରୌପ୍ୟ ଜୟନ୍ତୀ ଉତ୍ସବ ସ୍ଥାନୀୟ କଦମ ପଡିଆଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରିକେଟ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଆୟୋଜିତ ଅନୁଗୋଳ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁଭାରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍ଘାଟନ କରିଥିଲେ। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ କଟକ ସୋଲାର କ୍ରିକେଟ୍ କ୍ଲବ୍ ଓ ଓଡ଼ିଶା ପୋଷ୍ଟାଲ ମଧ୍ୟରେ ଖେଳାଯାଇଥିଲା। ଏଥିରେ ପୋଷ୍ଟାଲ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା।



ଅନୁଗୋଳ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁଭାରମ୍ଭ ଅବସରରେ ଅତିଥି ଭାବେ ଉପସ୍ଥିତ ଢେଙ୍କାନାଳ ଏମ୍ପି, ବିଧାୟକ ଓ ସଂଘ କର୍ମକର୍ତ୍ତାମାନେ।

ଟସ୍ ଜିତି ସୋଲାର କ୍ରିକେଟ୍ କ୍ଲବ୍ ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା। ଓଡ଼ିଶା ପୋଷ୍ଟାଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରିଥିଲା। ୧୩୮ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ସୋଲାର କ୍ରିକେଟ୍ କ୍ଲବ ୧୯ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୭୫ ରନ ସଂଗ୍ରହ କରିଥିଲା। ଓଡ଼ିଶା ପୋଷ୍ଟାଲ ପକ୍ଷରୁ ସୟଦ ଜାକି ୪ ଓଭରରେ ୭ ରନ ଦେଇ ୪ଟି ଉଇକେଟ ଅକ୍ତିଆର କରିଥିବାବେଳେ ଆଲୋକ ସାହୁ ୨ ଉଇକେଟ ନେଇଥିଲେ। ସୟଦ ଜାକିଙ୍କୁ ମ୍ୟାନ୍ ଅଫ୍ ମ୍ୟାଚ୍ ବିବେଚିତ କରାଯାଇଥିଲା। ଓସିଏ ଅମ୍ପାୟାର ଅସିତ ପଟ୍ଟନାୟକ ଓ ମହେଶ ମୁନସି ଖେଳ ପରିଚାଳନା କରିଥିଲେ।

### ଅନୁଗୋଳ କପ୍ କ୍ରିକେଟ ଉଦ୍ଘାଟିତ

ରୌପ୍ୟ ଜୟନ୍ତୀ ଉତ୍ସବରେ ଅନୁଗୋଳ ବିଧାୟକଙ୍କ ସହ ଢେଙ୍କାନାଳ ଏମ୍ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ପାଲଲହଡ଼ା ବିଧାୟକ ମୁକେଶ ପାଳ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନଗରପାଳ ଅକ୍ଷୟ ସାମନ୍ତ, ଉପାଧ୍ୟକ୍ଷା ଅନୁପମା ସାହୁ, ସଂଘର ବରିଷ୍ଠ ସଦସ୍ୟ ବଳଭଦ୍ର ପଟ୍ଟନାୟକ, ସାଗରନାଥ ମିଶ୍ର, ପ୍ରଭାତ ସିହ୍ନା, ଅରୁଣ ପୁଷ୍ପାଳକ, ଗଙ୍ଗାଧର ସମରେନ୍ଦ୍ର ପଟ୍ଟନାୟକ, ସତ୍ୟେନ୍ଦ୍ର ପ୍ରଧାନ, ରଞ୍ଜନ ଧୀରସାମନ୍ତ, ସେକ୍ ରଫିକ୍, ଶିବ ରାଉତ, ଦିଲୀପ ଧୀରସାମନ୍ତ, ମାୟାଧର ମିଶ୍ର, ସମରେନ୍ଦ୍ର ମିଶ୍ର, ସମରେନ୍ଦ୍ର ସ୍ୱାଇଁ, ତ୍ରିନାଥ ସାମନ୍ତ, ବିଷ୍ଣୁ ପ୍ରସାଦ ଦାସ, ମୋଇମୁଦ୍ଦିନ ଖାନ, ପୀତବାସ ସାହୁ, ସୂର୍ଯ୍ୟ ରାଉତ, ତାପସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ରାସୋଲ, ୨୧।୧୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ରାସୋଲ ଥାନା ଇସ୍ରାପାଳ ଗ୍ରାମର ବୀରେନ ଦେହୁରୀଙ୍କ ପୁଅ ଅର୍ଜୁନ (୧୮)ଙ୍କ ବୁଧବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଅର୍ଜୁନ ଗ୍ରାମ ନିକଟ ଏକ କୁକୁଡ଼ା ଫାର୍ମରେ କାମ କରନ୍ତି। ପୂର୍ବାହ୍ନରେ ସାଇକେଲରେ ଫାର୍ମକୁ ଯିବାବେଳେ ସେ ହଠାତ୍ ଖସି ପଡ଼ିଥିଲେ। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିଛି। ଏ ନେଇ ନଂ. ୧୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ହୃଦ୍‌ଘାତରୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟରୁ ଏହାର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ବିଦ୍ୟୁତ୍ ଆଘାତରେ ଲାଇନ୍‌ମ୍ୟାନ୍ ମୃତ

**ଢେଙ୍କାନାଳ ଅଫିସ, ୨୧।୧୨:** ଢେଙ୍କାନାଳ ସଦର ଥାନା ଇନ୍ଦିପୁର ପଞ୍ଚାୟତ ସରଦେଇପୁରସ୍ଥିତ 'ମେଗା ଇଞ୍ଜିନିୟରିଂ' ସଂସ୍ଥାରେ ଲାଇନ୍‌ମ୍ୟାନ୍ ଭାବେ କାର୍ଯ୍ୟରତ ସନ୍ଦୀପ ବେହେରା(୨୩)ଙ୍କ ବୁଧବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ନୟାଗଡ଼ ଜିଲା କଣ୍ଟିଲୋ ପାଣୁସାହୁପାଟଣା ଗ୍ରାମର ଧନେଶ୍ୱର ବେହେରାଙ୍କ ପୁଅ ସନ୍ଦୀପ ପ୍ରାୟ ୬ମାସ ହେବ ଉକ୍ତ ସଂସ୍ଥାରେ କାର୍ଯ୍ୟ କରୁଥିଲେ। କାମ କରୁଥିବାବେଳେ ହଠାତ୍ ବିଦ୍ୟୁତ୍ ଚାର୍ଜ ହୋଇଯିବାରୁ ସେ ଝଟ୍‌କା ଖାଇ ଫୋପାଡ଼ି ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳ ଏବଂ ଜିଲା ଚିକିତ୍ସାଳୟରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ନଂ. ୭୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଜିଲାପାଳଙ୍କ ନାମରେ ଫେକ୍ ହ୍ୱାଟ୍ସଆପ୍ ଆକାଉଣ୍ଟ

**ଢେଙ୍କାନାଳ ଅଫିସ, ୨୧।୧୨**

ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀଙ୍କ ନାମରେ ଫେକ୍ ହ୍ୱାଟ୍ସଆପ୍ ଆକାଉଣ୍ଟ ମାଧମରେ କେହି ଜଣେ ଟଙ୍କା ଆଦାୟ କରିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ଏ ନେଇ ଜିଲାପାଳ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଜଣେ ଗଣମାଧମ ପ୍ରତିନିଧିଙ୍କ ନିକଟକୁ ବୁଧବାର ହ୍ୱାଟ୍ସଆପ୍ (ନଂ. ୯୭୨୫୮୪୯୨୮୧)ରେ ମେସେଜ୍ ଆସିଥିଲା। ଡିପିରେ ଜିଲାପାଳଙ୍କ ଫଟୋ ଥିଲା। ମେସେଜ୍ କରିଥିବା ବ୍ୟକ୍ତିଜଣକ ନିଜକୁ ଜିଲାପାଳ ବୋଲି ପରିଚୟ ଦେଇଥିଲେ। ଭଲମନ୍ଦ ପଚାରିବା ସହିତ ଜରୁରୀ ବୈଠକରେ ବସିଥିବା କହିଥିଲେ। ଏଥିସହ ଅର୍ଥ ସମ୍ବନ୍ଧୀୟ ମେସେଜ୍ ଦେଇଥିଲେ। ଏହି ଖବର ପ୍ରଘଟ ହେବା ପରେ ଜିଲାପାଳ ପୋଲିସର ସହାୟତା ନେଇଛନ୍ତି। ଉକ୍ତ ହ୍ୱାଟ୍ସଆପ୍ ଆକାଉଣ୍ଟ ଜିଲାପାଳଙ୍କର ନୁହେଁ ଏବଂ ସେ ଏଭଳି କୌଣସି ମେସେଜ୍ କରି ନ ଥିବା ସ୍ପଷ୍ଟ କରିଛନ୍ତି। ଏଥିସହ ଗଣମାଧମ ପ୍ରତିନିଧି କିମ୍ବା ଜନସାଧାରଣ ଏଥିରେ ପ୍ରଭାବିତ ନ ହେବାକୁ ଜିଲାପାଳ ନିବେଦନ କରିଛନ୍ତି।

### ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ପରଜଙ୍ଗ, ୨୧।୧୨(ଡି.ଏନ୍.ଏ.):** ପରଜଙ୍ଗ ମହେଶ୍ୱନ୍ଦ୍ର ସୁବାହୁସିଂ ନୋଡାଲ ବିଦ୍ୟାପୀଠରେ ୨ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପରିଡ଼ା, ସମ୍ମାନିତ ଅତିଥି ମୋ ସ୍କୁଲ ଅଭିଯାନ ସଭାପତି ନାରାୟଣ ବିନାୟକ, ଶିକ୍ଷା କମିଟି ସଭାନେତ୍ରୀ ପ୍ରମିଳା ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ବେହେରା ଉପସ୍ଥିତ ଥିଲେ। ଜୁନିୟର ବିଭାଗରେ ନୀତେଶ କୁମାର ସାହୁ, ସିନିୟର ବିଭାଗରେ ବେଦପ୍ରକାଶ ସାମଲ, ବାଳିକା ବିଭାଗରେ ସଞ୍ଚିତା ନାଏକ ଚାମ୍ପିୟନ ହୋଇଛନ୍ତି। ଶିକ୍ଷକ ବ୍ରଜକିଶୋର ମହାପାତ୍ର, ସସ୍ମିତା ନନ୍ଦ, ଜ୍ୟୋତିର୍ମୟୀ ଦାସ, ଏ.ବି.ଏଲ୍. ରୁପାମୁଦ୍ରା, କାଜଲ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଅଖିଳ ବର୍ମା, ଶାରୀରିକ ଶିକ୍ଷା ଶିକ୍ଷକ ମନୋରଞ୍ଜନ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଢେଙ୍କାନାଳରେ ଭାଜପା ନେତୃବୃନ୍ଦ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରି ଫେରୁଛନ୍ତି।

# ମଣ୍ଡି ନ ଖୋଲିଲେ ଆନ୍ଦୋଳନ

## ଜିଲାପାଳଙ୍କୁ ଭାଜପାର ସ୍ମାରକପତ୍ର

**ଢେଙ୍କାନାଳ ଅଫିସ/ କାମାକ୍ଷାନଗର(ଡି.ଏନ୍.ଏ.), ୨୧।୧୨**

ଢେଙ୍କାନାଳ ଜିଲାରେ ଯଥାଶୀଘ୍ର ଧାନମଣ୍ଡି ଖୋଲିବା ଲାଗି ଭାଜପା ପକ୍ଷରୁ ଦାବି କରାଯାଇଛି। ଏ ନେଇ ବୁଧବାର ଦଳ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଦଳ ପକ୍ଷରୁ ଅଭିଯୋଗ କରାଯାଇଛି, ଡିସେମ୍ବର ୧ରୁ ଧାନ ସଂଗ୍ରହ କରିବା ଲାଗି ସରକାରୀ ବ୍ୟବସ୍ଥା ଥିବା ସତ୍ତ୍ୱେ ଜିଲାରେ ଅଦ୍ୟାବଧି ମଣ୍ଡି ଖୋଲିନାହିଁ। ବିଭିନ୍ନ ସ୍ଥାନରେ ଦଲାଲ ମାତିଲେଣି। ସେମାନେ ଚାଷୀଙ୍କୁ ପ୍ରଲୋଭିତ କରି କମ୍ ଦରରେ ଧାନ କିଣି ନେଉଛନ୍ତି। ତେଣୁ ବିଳମ୍ବ ନ କରି ମଣ୍ଡି ଖୋଲିବା ସହ ଚାଷୀଙ୍କଠାରୁ ତୁରନ୍ତ ଧାନ ଖରିଦ୍ କରିବାକୁ ଭାଜପା ପ୍ରତିନିଧି ଦଳ ଦାବି କରିଛନ୍ତି। ଏଥିସହ ଠିକ୍ ଭାବେ ମଣ୍ଡି ପରିଚାଳନା, ସୁତୁଲି, ଅଖା ବାବଦ ଟଙ୍କା ପ୍ରଦାନ, କଟ୍‌ନୀ ଛଟନୀ ବନ୍ଦ, ଟୋକନ୍ ନାମରେ ଚାଷୀଙ୍କୁ ହଇରାଣ ନ କରିବାକୁ ଦାବି କରାଯାଇଛି। ଏହା ନ ହେଲେ ଦଳ ପକ୍ଷରୁ ଚାଷୀ ଆନ୍ଦୋଳନ ମାଧ୍ୟମରେ ଜବାବ ଦିଆଯିବ ବୋଲି ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ଭାରତୀ ସ୍ୱାଇଁ, ଏମ୍.ଜେ. ମହିମା, ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃ ପ୍ରସାଦ ନନ୍ଦ, ସତ୍ୟନାରାୟଣ ଭୂୟାଁ, ସନାତନ ବେହେରା, ସୁଚିତ୍ର ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

ସେହିପରି କାମାକ୍ଷାନଗର ଉପଖଣ୍ଡରେ ନିର୍ଦ୍ଧାରିତ ସମସ୍ତ ମଣ୍ଡି ଖୋଲିବା ଦାବିରେ ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦଳୀୟ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏ ନେଇ ଉପଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି।

# ସର୍ବକନିଷ୍ଠ ବର୍ଗରେ ରାଜଶ୍ରୀ ମିସ୍ ଓଡ଼ିଶା

**ଢେଙ୍କାନାଳ ଅଫିସ, ୨୧।୧୨**



ରାଜଶ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ରାଉରକେଲାର ସାମାଜିକ ଅନୁଷ୍ଠାନ 'ସାଇନିଂ ରକର୍ସ'ର ୫ମ ବାର୍ଷିକ ଉତ୍ସବ ତଥା 'ଓଡ଼ିଶା ସାଇନିଂ ଆଇକନ ସିଜିନ-୫'ର ସର୍ବକନିଷ୍ଠ ବର୍ଗରେ ଢେଙ୍କାନାଳର ରାଜଶ୍ରୀ ସିଂ ମିସ୍ ଓଡ଼ିଶା ଟାଇଟଲ ହାସଲ କରିଛନ୍ତି। ସେକ୍ଟର-୫ ଭଞ୍ଜ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ପ୍ରତିଯୋଗୀ ଭାଗ ନେଇଥିବାବେଳେ ୪୦ ପ୍ରତିଯୋଗୀ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲେ। ବିଚାରକ ଭାବେ ଏଲିନା କର, ସୋନି ପିଲାଇ, ରାକ୍ଷୀ ମଣ୍ଡଳ, ସାଧନା ସାମଲ, ଆଶିଷ ବେହେରା, ଡି. ପୂଜା, ଅମ୍ଳାନ ମହାନ୍ତି ପ୍ରମୁଖ ଯୋଗଦେଇ ମୂଲ୍ୟାୟନ କରିଥିଲେ। ଅନୁଷ୍ଠାନ ସଭାପତି ସୁଶାନ୍ତ ରାଉତଙ୍କ ଅଧ୍ୟକ୍ଷତା ଏବଂ ଅନୁଷ୍ଠାନର ମୁଖ୍ୟ ଲିନା ବିଶ୍ୱାଳଙ୍କ ଆବାହକତ୍ୱରେ ଅତିଥି ଭାବେ ସାମାଜିକ କର୍ମୀ କମଲ ଅଗ୍ରୱାଲ, ଅନିତା ଅଗ୍ରୱାଲ, ପ୍ରଦୀପ୍ତ ଦାସ, ପଦ୍ମିନୀ ପାଣିଗ୍ରାହୀ, ଜାହାଙ୍ଗୀର ହକ୍, ଅନୁପ ମୋଦି, ଗୁରିନ୍ଦର ସିଂ, ପିଙ୍କୁ ଜୟସ୍ୱାଲ, ଗଗନ ପଣ୍ଡା, ସନ୍ଧମା ପିଲାଇ ପ୍ରମୁଖ ଯୋଗଦେଇ ରାଜଶ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶୁଭଜିତ ପଣ୍ଡା, ଦେବଲିନା ରାୟ, ବର୍ଣ୍ଣାଳୀ ରାଉତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ରାଜଶ୍ରୀ ହେଉଛନ୍ତି ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ନାତୁଣୀ ତଥା ରଞ୍ଜନ ସିଂ ଏବଂ ସୁସ୍ମିତା ସିଂଙ୍କ ସାନଝିଅ।

# ଧାନଖଳା ଉପରେ ନଜର

## କୁଲେଇରେ ୫୨ ହାତୀ

**ପରଜଙ୍ଗ, ୨୧।୧୨(ଡି.ଏନ.ଏ.)**



କିଛିଦିନର ବ୍ୟବଧାନ ପରେ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ କୁଲେଇ ଗ୍ରାମରେ ହାତୀ ଆତଙ୍କ ଦେଖାଦେଇଛି। ତାଳଚେର ଅଞ୍ଚଳରୁ ବ୍ରାହ୍ମଣୀ ନଦୀ ପାର୍ ହୋଇ ମହାବିରୋଡ ରେଞ୍ଜ୍‌ରେ ପ୍ରବେଶ କରିଥିବା ୫୨ ହାତୀ ଖଳା ମୁହାଁ ହୋଇଛନ୍ତି। ଜମିରେ ପ୍ରାୟ ଧାନ କଟା ସରିଯାଇଥିବାବେଳେ ଚାଷୀମାନେ ଖଳାରେ ଫସଲ ସାଇତି ରଖିଛନ୍ତି। ହାତୀପଲ ଏବେ ଖଳା ଉପରେ ନଜର ପକାଇଥିବାରୁ ଚାଷୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

ଉକ୍ତ ହାତୀପଲ ବ୍ରାହ୍ମଣୀ ନଦୀ ପାର୍ ହୋଇ ପରଜଙ୍ଗ ଏବଂ ତାଳଚେର ଅଞ୍ଚଳକୁ ଯିବାଆସିବା କରୁଛନ୍ତି। ଚାରିଦିନ ତଳେ ସେମାନେ ପରଜଙ୍ଗ ଅଞ୍ଚଳକୁ ଆସିଥିଲେ। ଦିନଟିଏ ରହିବା ପରେ ପୁଣି ଫେରିଯାଇଥିଲେ। ଏବେ ପୁନର୍ବାର ସେମାନେ କୁଲେଇ ଅଞ୍ଚଳରେ ପ୍ରବେଶ କରିଛନ୍ତି। ଜିଏମ୍ ଆଇରନ୍ ପ୍ଲାଣ୍ଟ ଦେଇ ହାତୀପଲ ଗ୍ରାମ ଭିତରକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ରଙ୍ଗଥଳି ବିଟ୍‌ର ହାତୀ ସ୍କ୍ୱାଡ୍ କର୍ମଚାରୀ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ କୁଆଲୋ ପଞ୍ଚାୟତ ଆଡ଼କୁ ଘଉଡ଼ାଇ ଦେଇଥିଲେ। ଉକ୍ତ ହାତୀପଲରେ ଏକାଧିକ ଦନ୍ତା ଅଛନ୍ତି। ସେମାନଙ୍କ ଗର୍ଜନରେ ଅଞ୍ଚଳ ଥରହର ହେଉଛି। ହାତୀମାନେ ରାସ୍ତା ଉପରକୁ ଚାଲି ଆସି ଛିଡ଼ା ହୋଇ ରହୁଥିବାରୁ ଯାତାୟାତ ପ୍ରଭାବିତ ହେଉଛି। ରାତିଅଧରେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଖଳାରେ ପଶିବାର ଆଶଙ୍କା ରହିଛି। ଫଳରେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଅନ୍ୟପଟେ ବନ କର୍ମଚାରୀମାନେ ହାତୀଙ୍କ ଉପରେ ନଜର ରଖିଛନ୍ତି। ଜିଲା ବନ ବିଭାଗ ଉକ୍ତ ହାତୀଙ୍କୁ ନଦୀ ପାର୍ କରାଇବା ଲାଗି ସାଧାରଣରେ ଦାବି ହୋଇଛି।

# ବ୍ୟବସାୟୀଙ୍କୁ ଖଣ୍ଡାରେ ହାଣି ଲୁଟ୍

**ସାତମାଇଲ, ୨୧।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାତମାଇଲ-ମହୀଧରପୁର ରାସ୍ତାରୁ ବୁଧବାର ଅପରାହ୍ନରେ ଯୁବ ବ୍ୟବସାୟୀ ହେମନ୍ତ କୁମାର ସାହୁଙ୍କଠାରୁ ଲୁଟ୍ ହୋଇଛି। ଦୁଇଜଣ ମୁଖାଧାରୀ ଦୁର୍ବୃତ୍ତ ଖଣ୍ଡାରେ ଆକ୍ରମଣ କରି ତାଙ୍କଠାରୁ ନଗଦ ୭୨ ହଜାର ଟଙ୍କା, ସୁନା ଚେନ୍ ଏବଂ ବ୍ୟାଗ୍ ଛଡ଼ାଇ ନେଇଥିବା ବାଲିମୀ ଥାନାରେ ଅଭିଯୋଗ ହୋଇଛି।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଆମ୍ବିଠି ଗ୍ରାମର ହେମନ୍ତ ଖଜୁରିଆକଟା ସାପ୍ତାହିକ ହାଟରେ କାମ ସାରି ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ପିଛା କରି ତାଙ୍କୁ ଦୁଦୁରୁକୋଟ ଖଦଖଦି ନିକଟରେ ଅଟକାଇଥିଲେ। କିଛି ବୁଝିବା ଆଗରୁ ଡାହାଣ ହାତକୁ ଖଣ୍ଡାରେ ଆକ୍ରମଣ କରିବା ସହ ପିସ୍ତଲ ଦେଖାଇ ଟଙ୍କା, ଚେନ୍ ଏବଂ ବ୍ୟାଗ୍ ଛଡ଼ାଇ ନେଇ ପଳାଇଥିଲେ। ହେମନ୍ତଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୨୩୩/୨୨ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ଅନୁସନ୍ଧାନ କରୁଛି। ବ୍ଲକ ଦେଇ ଯାଇଥିବା ପୁରୁଣାକଟକ-ସମ୍ବଲପୁର ରାସ୍ତା ସମେତ ଅନ୍ୟ ବ୍ୟସ୍ତବହୁଳ ସଡ଼କରେ ଅସାମାଜିକ ମାନେ ଯାତ୍ରୀଙ୍କୁ ଟାର୍ଗେଟ କରୁଛନ୍ତି। ଏଭଳି ଘଟଣା ବାରମ୍ବାର ଘଟୁଛି। ଏଥିରେ ବିଧିବଦ୍ଧ ଭାବେ ଏକ ଗ୍ୟାଙ୍ଗ୍ କାମ କରୁଥିବା ସନ୍ଦେହ କରାଯାଉଛି। ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି।

# ଗୁଣାତ୍ମକ ଶିକ୍ଷାରେ ଉନ୍ନତି ଆଣିବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ, ୨୧।୧୨**

ଢେଙ୍କାନାଳ ସଦର ବ୍ଲକ ଚାଉଳିଆ ଖମାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ପ୍ରେମାନନ୍ଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସନାତନ ମଲ୍ଲିକ ଯୋଗଦେଇ କହିଲେ, ଶିକ୍ଷାକ୍ଷେତ୍ରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଗୁଡ଼ିକର ଅବଦାନ ଅନନ୍ୟ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ମଧ୍ୟ ସମ୍ଭାଗ ସଂଯୋଜକ ସନ୍ତୋଷ କୁମାର ପୃଷ୍ଟି ଗୁଣାତ୍ମକ ଶିକ୍ଷାରେ ଉନ୍ନତି ଆଣିବା ଲାଗି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ବାବୁଲି ରାଉତ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ସଜଫୁଲ'ର ଦ୍ୱିତୀୟ ସଂକଳନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ପ୍ରଧାନ ଆଚାର୍ଯ୍ୟା ରୁନୁ କୁମାରୀ ନାୟକ, ସ୍କୁଲ କମିଟି ଉପସଭାପତି ବୈକୁଣ୍ଠ ସ୍ୱାଇଁ, ଶ୍ରବଣ ରାଉତ, ସମ୍ପାଦକ ପତିତପାବନ ରାଉତ, ଆଚାର୍ଯ୍ୟା ନୟନ ବେହେରା, ନିରୁପମା ନାୟକ, ସବିତା ବିଶ୍ୱାଳ, ବିଜୟ ବନ୍ଦିନୀ ବିନ୍ଧାଣୀ, ବନିତା ଶତପଥୀ, ମନୋରମା ବେହେରା, ଚିନ୍ମୟୀ ପ୍ରଧାନ, ସୁନିତା ବିଶ୍ୱାଳ, ସସ୍ମିତା ଦାସ, ବୈଜୟନ୍ତୀ ସାହୁ, ଆଚାର୍ଯ୍ୟ ତ୍ରିଲୋଚନ ବ୍ରହ୍ମ, ରତିକାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ।

# ମିଲେଟ୍ କାଫେ ପାଇଁ ପ୍ରଶିକ୍ଷଣ



ଶିବିରରେ ଭାଗ ନେଇଥିବା ଏସ୍ଏଚ୍‌ଜି ସଦସ୍ୟାଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୨୧।୧୨**

ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତ ସଦେଇବେରେଣୀ-ନବଜୀବନପୁର କଳାକୃତି ଗ୍ରାମରେ ମିଶନ ଶକ୍ତି ପକ୍ଷରୁ ଚାଲିଥିବା ମିଲେଟ କାଫେ ପାଇଁ ତାଲିମ କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଛି। ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ଜିଲାର ୮ ବ୍ଲକର ଏସ୍ଏଚ୍‌ଜି, ଫେଡେରେଶନ ସଦସ୍ୟା ଭାଗନେଇଥିଲେ। ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ମିଲେଟ୍ କାଫେକୁ ଠିକ୍ ଭାବରେ ପରିଚାଳନା କରିବା ପାଇଁ ପରାମର୍ଶ ଦେଇଥିଲେ। ଗଁଦିଆ ବ୍ଲକର ଏସ୍ଏଚ୍‌ଜି ଦ୍ୱାରା ସୁପ୍, ସଦର ବ୍ଲକ ପକ୍ଷରୁ କାକରା ପିଠା, କେକ୍, ପରଜଙ୍ଗ ବ୍ଲକ ପକ୍ଷରୁ ମଣ୍ଡାପିଠା, କଙ୍କଡ଼ାହାଡ଼ ବ୍ଲକ ପକ୍ଷରୁ ବୁନ୍ଦି ତିଆରି ଲଡୁ, ଭୁବନ ବ୍ଲକ ପକ୍ଷରୁ ବରା, କାମାକ୍ଷାନଗର ବ୍ଲକ ପକ୍ଷରୁ ପକୁଡ଼ି, ଓଡ଼ାପଡ଼ା ବ୍ଲକ ପକ୍ଷରୁ ଆରିସା ପିଠା, ହିନ୍ଦୋଳ ବ୍ଲକ ପକ୍ଷରୁ ମୁଡୁକି ପ୍ରସ୍ତୁତ କରାଯାଇଥିଲା।

# ଯୋଗଦେବେ ରାଜ୍ୟପାଳ

## ଆଜିଠାରୁ ଭଗବାନ ବିଦ୍ୟାମନ୍ଦିର ରୌପ୍ୟଜୟନ୍ତୀ ସମାରୋହ

**ଢେଙ୍କାନାଳ ଅଫିସ, ୨୧।୧୨**

ଢେଙ୍କାନାଳ ସଦର ବ୍ଲକ ସିଆରିଆସ୍ଥିତ ଭଗବାନ ବିଦ୍ୟାମନ୍ଦିରର ରୌପ୍ୟଜୟନ୍ତୀ ସମାରୋହ ଗୁରୁବାରଠାରୁ ଆରମ୍ଭ ହେବ। ଅପରାହ୍ନ ୪ଟାରେ ଏହାର ଉଦ୍‌ଘାଟନୀ ସମାରୋହ ରହିଥିବାବେଳେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ ଯୋଗଦେବେ। ଓୟୁଏଟି ପୂର୍ବତନ ଡିନ୍ ପ୍ରଫେସର କୃଷ୍ଣକର୍ଣ୍ଣ ରାଉତ ସମାରୋହରେ ସଭାପତିତ୍ୱ କରିବେ ବୋଲି ପ୍ରଧାନ ଶିକ୍ଷକ ଭିକାରୀ ଚରଣ ନାୟକ ସୂଚନା ଦେଇଛନ୍ତି। ପୁରାତନ ଛାତ୍ର ସଂସଦ ଓ ରୌପ୍ୟଜୟନ୍ତୀ କମିଟି ସହଯୋଗରେ ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ୍



ଟ୍ରଫିସହ ଚାମ୍ପିୟନ ଦଳ।

**ସାତମାଇଲ, ୨୧।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଠୋକରସ୍ଥିତ ବେଣାଗାଡ଼ିଆ ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଚିନୁ ମେମୋରିଆଲ ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କଟକ ସୋଲାରକୁ ୭ ଉଇକେଟରେ ହରାଇ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ୍ ହୋଇଛି।

ପ୍ରଥମେ ବ୍ୟାଟିଂ କରିଥିବା କଟକ ଟିମ୍ ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୧୫୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଖୋର୍ଦ୍ଧା ରେଲୱେ ଦଳ ମାତ୍ର ୧୪ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ୩୩ ବଲରୁ ବିସ୍ଫୋରକ ୬୨ ରନ୍ କରିବା ସହ ୨୦ ରନ୍ ବିନିମୟରେ ୨ ଉଇକେଟ ନେଇଥିବା ଖୋର୍ଦ୍ଧା ରେଲୱେ ଦଳର ସମୀର ମହାନ୍ତି 'ମ୍ୟାନ୍ ଅଫ୍ ଦି ମ୍ୟାଚ' ବିବେଚିତ ହୋଇଥିଲେ। ଓସିଏ ଅମ୍ପାୟର ସୋମନାଥ ସେଠୀ, ପ୍ରଶାନ୍ତ ଦାସ ଖେଳ ପରିଚାଳନା କରିଥିବାବେଳେ ବିଜନ ମିଶ୍ର ଧାରା ବିବରଣୀ ଦେଇଥିଲେ। ଆୟୋଜକ ମା' ପିତାବଳି କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଶଂସା ସାଉଁଟିଲେ ୩ ଯୁବ ଖେଳାଳି

- ଜାତୀୟ ଭଲିବଲ ଚାମ୍ପିୟନଶିପ୍‌ରେ ଚମକପ୍ରଦ ପ୍ରଦର୍ଶନ
- ଟାଟା ଷ୍ଟିଲ୍ ଫାଉଣ୍ଡେଶନରୁ ନେଇଥିଲେ ପ୍ରଶିକ୍ଷଣ

**ଢେଙ୍କାନାଳ ଅଫିସ, ୨୧।୧୨**



ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

ମଧ୍ୟପ୍ରଦେଶର ରାଜ୍ୟର ପାନ୍ନାଠାରେ ଚାଲିଥିବା ୨୫ତମ ଜାତୀୟସ୍ତରୀୟ ଯୁବ ଭଲିବଲ ଚାମ୍ପିୟନଶିପ୍‌ରେ ଚମକପ୍ରଦ ପ୍ରଦର୍ଶନ କରିଛନ୍ତି ଢେଙ୍କାନାଳ ଜିଲାର ୩ ଖେଳାଳି। ସେମାନେ ହେଲେ ହିନ୍ଦୋଳ ବ୍ଲକ ଖଲିବେରେଣା ଗ୍ରାମର ସୁବ୍ରତ ବେହେରା, ସମ୍ବିତ ବେହେରା ଏବଂ ରଘୁନାଥପୁର ଗ୍ରାମର ବିକାଶ ପାତ୍ର। ଟାଟା ଷ୍ଟିଲ୍ ଫାଉଣ୍ଡେଶନ ମେରାମଣ୍ଡଳୀର ଭଲିବଲ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ତାଲିମ ନେଇଥିବା ସମ୍ପୃକ୍ତ ୩ ପ୍ରତିଭାବାନ କ୍ରୀଡ଼ାବିତ୍ ୧୨ଜଣିଆ ଓଡ଼ିଶା ଦଳରେ ସ୍ଥାନ ପାଇଥିଲେ। ଏଥିପୂର୍ବରୁ ମଧ୍ୟ ସେମାନେ ଜାତୀୟସ୍ତରରେ ପ୍ରତିଭା ପ୍ରଦର୍ଶନ କରିଥିଲେ।

ଟାଟା ଷ୍ଟିଲ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଆନୁକୂଲ୍ୟରେ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଯୁବ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ମେରାମଣ୍ଡଳୀ ନିକଟବର୍ତ୍ତୀ ମଙ୍ଗଳପୁର, ନୂଆହତା, ନୂଆଗାଁ, ଶିବପୁର, ପାଇକ ପୁରୁଣାକୋଟ, ଖଡଗପ୍ରସାଦ, କୁସୁପଙ୍ଗା ଆଦି ପଞ୍ଚାୟତ ଅଧୀନ ୧୫ ଗ୍ରାମର ପ୍ରତିଭାଙ୍କୁ ଚୟନ କରି ପ୍ରଶିକ୍ଷଣ ଦିଆଯାଉଛି। ଜୁନିୟର, ସବ୍ ଜୁନିୟର ଏବଂ ସିନିୟର ବର୍ଗରେ ୨୦୧୯ ଜୁନ୍‌ଠାରୁ ଏହା ଜାରି ରହିଛି। ଏଥିଲାଗି ଜାତୀୟସ୍ତରୀୟ କୋଚ୍ ଆଶୁତୋଷ ପାତ୍ରଙ୍କୁ ନିଯୁକ୍ତି କରାଯାଇଛି। ଭଲିବଲ୍ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଲାଗି ଉଦ୍ୟମ ଜାରି ରହିଛି। ପୂର୍ବରୁ ସନ୍ଧ୍ୟା ପରେ ଆଲୋକ ଅଭାବରୁ ଖେଳାଳିମାନେ ଅଭ୍ୟାସ ବେଳେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାର ସମାଧାନ ଲାଗି ଖଲିବେରେଣା ଓ ମଙ୍ଗଳପୁର ଗ୍ରାମରେ ଦୁଇଟି ସୌରଚାଳିତ ଭଲିବଲ କୋର୍ଟ ବ୍ୟବସ୍ଥା କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

ନିଜ ପ୍ରତିକ୍ରିୟାରେ ଖେଳାଳି ସୁବ୍ରତ ବେହେରା କୁହନ୍ତି, ଓଡ଼ିଶା ପାଇଁ ଜାତୀୟସ୍ତରରେ ଖେଳିବା ବଡ଼ ଅଭିଜ୍ଞତା । ଟାଟା ଷ୍ଟିଲ୍ ଫାଉଣ୍ଡେଶନର ସହାୟତା, କୋଚ୍‌ଙ୍କ ମାର୍ଗଦର୍ଶନ ଏବଂ କଠିନ ପରିଶ୍ରମ ଯୋଗୁ ଏହା ସମ୍ଭବପର ହୋଇପାରିଛି। ଏଥିଲାଗି ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

